# Akashvani, Sambalpur

# SAMBALPURI NEWS BULLETIN

## 25 December 2024- 6.47- 6.52 am.

**********************************************

ନୂଆ ରାଜ୍ୟପାଲ୍ ଆର୍ଏନ୍ୟୁ / ସମ୍ବଲପୁର

ଡକ୍ଟର୍ ହରିବାବୁ କମ୍ଭମ୍ପତି ରାଜ୍ୟର୍ ନୂଆଁ ରାଜ୍ୟପାଲ୍ ଭାବେ ନିଯୁକ୍ତି ପାଇଛନ୍ । ଇ ବାବ୍ଦେ ରାଷ୍ଟ୍ରପତି ଭବନ୍‌ନୁ ବିଜ୍ଞପ୍ତି ବାହାରିଛେ । ଆଘର୍ ରାଜ୍ୟପାଲ୍ ରଘୁବର୍ ଦାସ ଗଲାକାଏଲ୍ ଇସ୍ତଫା ଦେବାର୍ ଉତ୍ରୁ ତାଙ୍କର୍ ଜାଗାଥି ଶ୍ରୀ କମ୍ଭମ୍ପତି ନିଯୁକ୍ତି ପାଇଛନ୍ । ରାଷ୍ଟ୍ରପତି ଭବନ୍‌ନୁ ବାହାରିଥିବା ବିଜ୍ଞପ୍ତି ଅନ୍‌ସାରେ ଓଡ଼ିଶା ସହେତେ ମିଜୋରାମ, ବିହାର୍, କେରଳର ଆର୍ ମଣିପୁର୍‌ର ରାଜ୍ୟପାଲ୍‌ଙ୍କୁ ଭିଲ୍ ବଦ୍‌ଲା ଯାଇଛେ ।

ପ୍ରଧାନ୍‌ମନ୍ତ୍ରୀ- ବାଜପେୟୀ ଜୟନ୍ତୀ ପି.ଆଇ.ବି.

ଆଘର୍ ପ୍ରଧାନ୍‌ମନ୍ତ୍ରୀ ଭାରତ୍‌ରତ୍ନ ସ୍ୱର୍ଗତ ଅଟଲ୍ ବିହାରୀ ବାଜପେୟୀଙ୍କର୍ ଶହେ ନମ୍ବର୍ ଜୟନ୍ତୀ ଆର୍ ସୁଶାସନ୍ ଦିବସ୍

ପାଲନ୍ ଉଧେ ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏଜ୍ ମଧ୍ୟପ୍ରଦେଶ୍ ଯାଇକରି ଭିନ୍ ଭିନ୍ ପ୍ରକଳ୍ପର୍ ଉଦ୍‌ଘାଟନ୍ ଆର୍ ନିହି ପକାବେ । ଦିନର୍ ସାଢ଼େ ୧୨ ବଜେ ପ୍ରଧାନ୍‌ମନ୍ତ୍ରୀ ଖଜୁରାହୋ ଠାନେ ଦେଶର୍ ପହେଲା ଆନ୍ତଃ ନଦୀ ସଂଯୋଗୀକରଣ୍ ଯୋଜ୍‌ନାଥି କେନ୍- ବେଟ୍‌ୱା ପ୍ରକଳ୍ପର୍ ଶିଲାନ୍ୟାସ୍ କର୍‌ବେ । ଇତାର୍ ସହେତେ ବାଜପେୟୀଙ୍କର୍ ଶହେ ନମ୍ବର୍ ଜୟନ୍ତୀର୍ ଷ୍ଟାମ୍ପ୍ ଆର୍ ମୁଦ୍ରା ଉନ୍ମୋଚନ୍ କର୍‌ବେ । ହେନ୍ତା ଖଣ୍ଡ୍‌ୱାଡ଼ା ଠାନେ ପ୍ରଧାନ୍‌ମନ୍ତ୍ରୀ ଶ୍ରୀ ମୋଦୀ ଓମ୍‌କାରେଶ୍ୱର୍ ଭାସମାନ୍ ସୌର ପ୍ରକଳ୍ପ ଭିଲ୍ ଉଦ୍‌ଘାଟନ୍ କର୍‌ବେ

ବାଜପେୟୀ- ସୁଶାସନ୍ ଦିବସ୍ ପି.ଆଇ.ବି.

ବାଜପେୟୀଙ୍କର୍ ଶହେ ନମ୍ବର୍ ଜୟନ୍ତୀ ଆର୍ ସୁଶାସନ୍ ଦିବସ୍ ଅବ୍‌ସରେ ଆଏଜ୍ ରାଏଜେ ଭିନ୍ ଭିନ୍ କାର୍ଯ୍ୟକ୍ରମ୍ ହେବା । ସୂଚନା, ଲୋକସମ୍ପର୍କ ବିଭାଗ୍ ତର୍‌ଫୁ ସଖାଲର୍ ସାଢ଼େ ୮ ବଜେ ଭୁବ୍‌ନେଶ୍ୱର୍ ଏମ୍ସ ଠାନେ ଥିବା ବାଜପେୟୀଙ୍କର୍ ପ୍ରତିମୂର୍ତିଥି ମାଲ୍ୟାର୍ପଣ୍ କରାଯିବା । ସଂସ୍କୃତି ବିଭାଗ୍ ତର୍‌ଫୁ ମଏଧାନର୍ ୨ ବଜେ ଭୁବ୍‌ନେଶ୍ୱର୍ ଠାନେ ଥିବା ଓଡ଼ିଶା କୃଷି ଆର୍ ବୈଷୟିକ ବିଦ୍ୟାଲୟ ଠାନେ କବିତା ପାଠୋତ୍ସବ ଆର୍

ବେଲ୍‌ବୁଡ଼ାର୍ ୫ ବଜେ ଫଟୋ ପ୍ରଦର୍ଶନୀ ହେବା । ସେନ୍ତା ବେଲ୍‌ବୁଡ଼ାର୍ ସାଢ଼େ ୫ ବଜେ ସୂଚନା ଆଉ ଲୋକସମ୍ପର୍କ ବିଭାଗ୍ ଆର୍ ଡକ୍ଟର୍ ଶ୍ୟାମାପ୍ରସାଦ୍ ମୁଖାର୍ଜୀ ଫାଉଣ୍ଡେସନ୍ ତର୍‌ଫୁ ହେବାର୍‌କେ ଥିବା ସାଧାରଣ ସଭାଥି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ମୁଖିଆ କୁନୁଆଁ ଭାବେ ଯୋଗ୍ ଦେବାର୍ କାର୍ଯ୍ୟସୂଚୀ ରହିଛେ । କାର୍ଯ୍ୟକ୍ରମ୍‌ଥି ସାଂସଦ୍ ଅପରାଜିତା ଷଡ଼ଙ୍ଗୀ, ମୁଖ୍ୟ ଶାସନ୍ ସଚିବ ମନୋଜ୍ ଆହୁଜା ଆର୍ ବହୁବିଶିଷ୍ଟ ବ୍ୟକ୍ତି ଯୋଗ୍ ଦେବେ ।

ପ୍ରବାସୀ ଭାରତୀୟ ଦିବସ୍ ଆର୍‌ଏନ୍‌ୟୁ / ସମ୍ବଲପୁର

ଆଏବା ଜାନୁଆରୀ ୮ ନୁ ୧୦ ତାରିଖ୍‌ତକ୍ ହେବାର୍‌କେ ଥିବା ପ୍ରବାସୀ ଦିବସ୍ କାର୍ଯ୍ୟକ୍ରମ୍‌ଥି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆର୍ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ଯୋଗ୍ ଦେବାର୍ କାର୍ଯ୍ୟକ୍ରମ୍ ରହିଛେ । ଇ ବାବ୍‌ଦେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଆର୍ ଗୃହନିର୍ମାଣ ଆଉ ନଗର୍ ଉନ୍ନୟନ୍ ବିଭାଗ୍ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ରଙ୍କର୍ ଉପସ୍ଥିତିଥି ଗୁଟେ ଉଚ୍ଚସ୍ତରୀୟ ପ୍ରସ୍ତୁତି ବୈଠକ୍ ହେଇଯାଇଛେ ।

ପ୍ରଧାନ୍‌ମନ୍ତ୍ରୀ- ପ୍ରାକ୍ ବଜେଟ୍ ପରାମର୍ଶ ବୈଠକ୍     ଏନ୍‌ଏସ୍‌ଡି

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ ଅଧ୍ୟକ୍ଷତାଥି ଗଲାକାଏଲ୍ ନୂଆଦିଲ୍ଲୀର୍ ନୀତି ଆୟୋଗ୍ ନ ପ୍ରାକ୍ ବଜେଟ୍ ପରାମର୍ଶ ବୈଠକ ହେଇଯାଇଛେ । ବୈଠକ୍‌ଥି କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ୍, ନୀତି ଆୟୋଗ୍ ସିଇଓ ବି.ଭି.ଆର୍. ଶୁଭ୍ରମଣ୍ୟମ୍, ବିଶିଷ୍ଟ ଅର୍ଥନୀତିଜ୍ଞ ଆର୍ ଭିନ୍ ଭିନ୍ ବରିଷ୍ଠ ଅଧିକାରୀମାନେ ଯୋଗ୍ ଦେଇଥିଲେ ।

ମୁଖ୍ୟମନ୍ତ୍ରୀ- ଅଭିଯୋଗ୍ ଶୁଣାଣି     ଆର୍‌ଏନ୍‌ୟୁ /ସମ୍ବଲପୁର

ଭୁବ୍‌ନେଶ୍ୱର୍ ୟୁନିଟ୍ ୫ ଠାନେ ଥିବା ମୁଖ୍ୟମନ୍ତ୍ରୀଙ୍କର୍ ଅଭିଯୋଗ୍ ଶୁଣାଣି ପ୍ରକୋଷ୍ଠ ଠାନେ ଆଏବା ୩୦ ତାରିଖ୍ ଦିନ ଜନ ଅଭିଯୋଗ୍ ଶୁଣାଣି ହେବା । ଇଥିର୍‌ଲାଗି ଅନ୍‌ଲାଇନ୍ ପଞ୍ଜିକରଣ୍ ଆଏଜ୍ ସଖାଲର୍ ୧୧ ବଜେନୁ ମୁଲ୍ ହେବା ବଲି ସାଧାରଣ୍ ପ୍ରଶାସନ୍ ଆର୍ ସାଧାରଣ୍ ଅଭିଯୋଗ୍ ବିଭାଗ୍ ତର୍‌ଫୁ ସୂଚ୍‌ନା ମିଲିଛେ । ଆଗ୍ରହୀ ଅଭିଯୋଗ୍‌କାରୀମାନେ ଜନଶୁଣାଣି ପୋର୍ଟାଲ୍ janasunani.odisha.gov.in ଆର୍

ଜନଶୁଣାଣି ମୋବାଇଲ୍ ଆପ୍ଲିକେସନ୍ ଜରିଏ ଭିଲ୍ ପଞ୍ଜିକରଣ୍ କରିପାର୍‌ବେ ।

ରତ୍ନଭଣ୍ଡାର୍ ମରାମତି ସ୍ଥଗିତ୍        ଆର୍‌ଏନ୍‌ୟୁ / ସମ୍ବଲପୁର

ଆଏଜ୍‌ଠାନୁ ଆଏବା ଜାନୁଆରୀ ୨ ତାରିଖ୍‌ତକ୍ ପୁରୀ ରତ୍ନଭଣ୍ଡାର୍ ମରାମତି କାମ୍‌କେ ସ୍ଥଗିତ୍ ରଖାଯାଇଛେ । ଆଗ୍‌କେ ପଡୁଥିବା ସର୍‌କାରୀ ଛୁଟି ଆର୍ ନୂଆଁ ବରସ୍‌ଥି ଭକ୍ତମାନ୍‌କର୍ ଭିଡ଼୍‌କେ ନଜର୍‌ଥି ରଖିକରି ମାହାପୁରୁଙ୍କର୍ ନୀତିକେ ଶୃଙ୍ଖଲିତ୍ ଭାବେ ପରିଚାଲନା କର୍‌ବାର୍ ଲାଗି ମନ୍ଦିର୍ ପ୍ରଶାସନ୍ ତର୍‌ଫୁ ଇ ନିଷ୍ପତି ନିଆଯାଇଛେ । ଜାନୁଆରୀ ୩ ତାରିଖ୍‌ନୁ ଫେର୍‌ଘାଏ ମରାମତି କାମ୍ ମୁଲ୍ ହେବା ବଲି ଜନାପଡ଼ିଛେ ।

ବଡ଼ଦିନ        ଆର୍‌ଏନ୍‌ୟୁ / ସମ୍ବଲପୁର

ଆଏଜ୍ ହେଉଛେ ପବିତ୍ର ବଡ଼ଦିନ । ପୃଥିବୀ ପୃଷ୍ଠକେ ପ୍ରଭୁ ଯୀଶୁଖ୍ରୀଷ୍ଟ ଆସିଛନ୍ । ହେଥିର୍‌ଲାଗି ରାଜ୍ୟର୍ ସବୁ ଜାଗା ସହେତେ ସାରା ଦେଶେ କାର୍ଯ୍ୟକ୍ରମ୍ ମାନ ଚାଲିଛେ ।

ପଶ୍ଚିମ ଓଡ଼ିଶାର୍ ସବୁ ଇଲାକା ସହେତେ ରାଏଜେ ଜାକ୍‌ଜମକ୍‌ଥି ବଡ଼ଦିନ୍ ପାଲନ୍ କରାଯାଉଛେ । ଚର୍ଚ୍ଚମାନ୍‌କେ ରଙ୍ଗିନ୍ ଲାଇଟ୍‌ଥି ସଜାଯାଇଛେ । ଗଲାକାଏଲ୍ ଅଧ୍‌ରାତିନୁ ଚର୍ଚ୍ଚ ମାନ୍‌କୁ ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କର୍ ଧରାବତରଣ୍‌କେ ସ୍ୱାଗତ୍ କରାଯାଇକରି ଖାସ୍ ପ୍ରାର୍ଥନା କରାଯାଇଛେ । ବଡ଼ଦିନ୍ ଅବ୍‌ସରେ ଚର୍ଚ୍ଚମାନ୍‌କୁ ଆଏଜ୍ ଦିନ୍‌ସାରା କାର୍ଯ୍ୟକ୍ରମ୍‌ମାନ୍ ହେବା ।

ରାଜ୍ୟ ସର୍‌କାର୍- ଭତା ବୃଦ୍ଧି        ସିଏମ୍‌ଓ

ରାଏଜେ ଲୁକ୍‌କର୍ ସାମାଜିକ୍ ସୁରକ୍ଷା ସୁନିଶ୍ଚିତ୍ କର୍‌ବାର୍ ଦିଗେ ରାଜ୍ୟ ସର୍‌କାର୍ ୮୦ ବରସ୍‌ନୁ ଅଏତ୍‌କା ନାଗରିକ୍ ଆର୍ ୮୦ ପ୍ରତିଶତ୍‌ନୁ ଅଏତ୍‌କା ଭିନ୍ନକ୍ଷମଙ୍କର୍ ସାମାଜିକ ସୁରକ୍ଷା ଭତାକେ ୧୨ ଶହ ଟଙ୍କାନୁ ୩୫ ଶହ ଟଙ୍କାକେ ବଢ଼େଇଛନ୍ । ଯେନ୍‌ଥିର୍‌ଲାଗି ରାଜ୍ୟର୍ ବରିଷ୍ଠ ନାଗରିକ୍ ଆର୍ ଭିନ୍ନକ୍ଷମ ମାନେ ଉପକୃତ ହେବେ ।

ସମ୍ବଲ୍‌ପୁରୀ ନାଟକ୍ ମହୋତ୍ସବ      ଆର୍‌ଏନ୍‌ୟୁ / ସମ୍ବଲପୁର

ସମ୍ବଲପୁର୍ ଆରଣ୍ୟକ୍ ମଂଚ ଠାନେ ୨୭ ନମ୍ବର୍ ବୀର ସୁରେନ୍ଦ୍ର ସାଏ ରାଜ୍ୟସ୍ତରୀୟ ସମ୍ବଲ୍‌ପୁରୀ ନାଟକ୍ ମହୋତ୍ସବ୍ ଗଲାକାଏଲ୍ ଉଦ୍‌ଘାଟିତ୍ ହେଇଯାଇଛେ । ଉତ୍ସବ୍‌ଥି ପଂଚାୟତିରାଜ୍ ମନ୍ତ୍ରୀ ରବିନାରାୟଣ୍ ନାଏକ୍ ଆର୍ ସମ୍ବଲ୍‌ପୁର୍ ବିଧାୟକ୍ ଜୟନାରାୟଣ୍ ମିଶ୍ର ଯୋଗ୍ ଦେଇଥିଲେ । ନାଟକ୍ ଜରିଏ ଲୋକ୍‌ମାନ୍‌କୁ ସଚେତନ୍ କରାଯାଇପାର୍‌ବା ବଲି ମନ୍ତ୍ରୀ ଶ୍ରୀ ନାଏକ୍ କହିଥିଲେ ।

## ଆନ୍ତଃ ମହାବିଦ୍ୟାଳୟ କର୍ମଶାଳା-କୁଚିଣ୍ଡା

ଆର୍‌ଏନ୍‌ୟୁ / ସମ୍ବଲପୁର

କୁଚିଣ୍ଡା ମହାବିଦ୍ୟାଳୟର୍ ପ୍ରେକ୍ଷାଳୟଠାନେ ନାକ୍ ସମ୍ପର୍କିତ ଗୁଟେ ଆନ୍ତଃ ମହାବିଦ୍ୟାଳୟ କର୍ମଶାଳା ଅନୁଷ୍ଠିତ୍ ହେଇଯାଇଛେ । ମହାବିଦ୍ୟାଳୟ ଅଧକ୍ଷାଙ୍କର୍ ସଭାପତିତ୍ୱଥି ହେଇଥିବା କାର୍ଯ୍ୟକ୍ରମ୍‌ଥି ସମ୍ବଲ୍‌ପୁର୍ ବିଶ୍ୱବିଦ୍ୟାଳୟର୍ ପରିବେଶ୍ ବିଜ୍ଞାନ୍ ବିଭାଗ୍‌ର ପ୍ରାଧାପକ୍ ମାନେ ଯୋଗ୍ ଦେଇକରି ଜାତୀୟ ମାନ ନିର୍ଦ୍ଧାରଣ୍ ମୂଲ୍ୟାୟନ୍ ବାବ୍‌ଦେ ଦର୍‌କାରୀ ବିଷୟବସ୍ତୁ ଉପ୍‌ରେ ଆଲୋଚନା କରିଥିଲେ ।